# NATIONAL NEWS BULLETIN (ODIA)
## 18 December - 2024
## Evening Bulletin : 7.15 p.m.

**************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ତୃଣମୂଳ ସହିତ ସଂଯୋଗ ହୋଇ ରହିଥିବା ଦେଶଗୁଡ଼ିକ ହିଁ ବିକାଶ ଓ ରାଷ୍ଟ୍ର ନିର୍ମାଣ ଦିଗରେ ଅଗ୍ରସର ହୋଇଥାନ୍ତି ।
- ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍.ଆମ୍ବେଦକରଙ୍କ ଦୃଷ୍ଟିକୋଣକୁ ସଫଳ କରିବା ଉଦ୍ଦେଶ୍ୟରେ ଗତ ୧୦ ବର୍ଷ ଧରି କେନ୍ଦ୍ର ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି; କହିଲେ ପ୍ରଧାନମନ୍ତ୍ରୀ ।
- ପୁଲିସ ଆଧୁନିକୀକରଣ ଯୋଜନା ଅଧୀନରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସହାୟତା ଲାଗି ମଞ୍ଜୁର କରାଯାଇଛି ୪ ହଜାର ୮୪୬ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ।
- ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଆଜି ବେଜିଂଠାରେ ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗରେ ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ସହିତ କରିଛନ୍ତି ଆଲୋଚନା ।

ଏବଂ

- ବାଂଲାଦେଶରେ ଗୋଷ୍ଠୀ ସଂଘର୍ଷ ଫଳରେ ଦୁଇ ମୃତ ଓ ୧୦୦ରୁ ଊର୍ଦ୍ଧ୍ୱ ଆହତ ।

# ପିଏମ୍ ଆଣ୍ଡାମାନ ନିକୋବାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜଗୁଡ଼ିକୁ ଭାରତର ବିଭିନ୍ନ ବରପୁତ୍ରଙ୍କ ନାମରେ ନାମିତ କରାଯିବା ପ୍ରକ୍ରିୟା ଦେଶ ପ୍ରତି ସେମାନଙ୍କର ସେବା ଓ ଅବଦାନକୁ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ସୁରକ୍ଷିତ ରଖାଯିବା ଦିଗରେ ପଥ ପରିଷ୍କାର କରିବ । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ତୃଣମୂଳ ସହିତ ସଂଯୋଗ ହୋଇ ରହିଥିବା ଦେଶଗୁଡ଼ିକ ହିଁ ବିକାଶ ଓ ରାଷ୍ଟ୍ର ନିର୍ମାଣ ଦିଗରେ ଅଗ୍ରସର ହୋଇଥାନ୍ତି । ଜାତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କର ଦେଶପ୍ରତି ରହିଥିବା ଉଲ୍ଲେଖନୀୟ ଅବଦାନକୁ ସଂରକ୍ଷିତ ରଖିବା ଏବଂ ଏହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ମଧ୍ୟରୁ ଏହା ଏକ ଅଂଶବିଶେଷ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ପିଏମ୍- କଂଗ୍ରେସ ଆମ୍ବେଦକର

ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍.ଆମ୍ବେଦକରଙ୍କ ପ୍ରତି କେନ୍ଦ୍ର ସରକାର ସମ୍ମାନ ପ୍ରଦର୍ଶନ ପୂର୍ବକ ଗତ ୧୦ ବର୍ଷ ମଧ୍ୟରେ ତାଙ୍କର ଦୃଷ୍ଟିକୋଣକୁ ସଫଳ କରିବା ଉଦ୍ଦେଶ୍ୟରେ ନିରନ୍ତର ପ୍ରୟାସ ଜାରି

ରଖିଛନ୍ତି। ରାଜ୍ୟସଭାରେ ଡକ୍ଟର ଆମ୍ବେଦକରଙ୍କ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ପକ୍ଷରୁ କରାଯାଉଥିବା ହଟ୍ଟଗୋଳ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହା କହିଛନ୍ତି। ସେ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଇଥିବା ମନ୍ତବ୍ୟରେ କଂଗ୍ରେସ ଦଳର କଳା ଇତିହାସ ଲୋକଲୋଚନକୁ ଆସିଯିବାରୁ ଏହି ଦଳ ସମ୍ପୂର୍ଣ୍ଣ ବିଚଳିତ ହୋଇପଡ଼ିଛି। ଅନ୍ୟପକ୍ଷରେ ତାଙ୍କ ସରକାର ଡକ୍ଟର ଆମ୍ବେଦକରଙ୍କ ସହିତ ଜଡ଼ିତ ଥିବା ୫ଟି ଆଇକନିକ୍ ସ୍ଥାନ ସମେତ ପଞ୍ଚତୀର୍ଥର ବିକାଶ ଲାଗି ଅନେକ ପଦକ୍ଷେପ ନେଇଛନ୍ତି। ସେହିଭଳି ଦଶନ୍ଧି ଧରି ବିଚାରାଧୀନ ଥିବା ଚୈତ୍ୟ ଭୂମି ଜମି ସମ୍ପର୍କିତ ମାମଲା ମଧ୍ୟ ତାଙ୍କ ସରକାରଙ୍କ ସମୟରେ ସମାଧାନ ହୋଇପାରିଛି। ଏହାଛଡ଼ା ଡକ୍ଟର ଆମ୍ବେଦକର ତାଙ୍କ ଜୀବନର ଶେଷ ବର୍ଷ ଅତିବାହିତ କରିଥିବା ନୂଆଦିଲ୍ଲୀସ୍ଥିତ ୨୬ ଆଲିପୁର ରୋଡ୍‌କୁ ମଧ୍ୟ କେନ୍ଦ୍ର ସରକାର ବିକଶିତ କରିଛନ୍ତି ଏବଂ ସେ ଲଣ୍ଡନରେ ରହୁଥିବା ଘରଟିକୁ ମଧ୍ୟ ଇତିମଧ୍ୟରେ ସରକାର ନିଜ ଅଧୀନକୁ ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଡକ୍ଟର ଆମ୍ବେଦକରଙ୍କର ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସରକାର ଦେଶରୁ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଆଣିବା ସହିତ ଅନୁସୂଚିତ ଜାତି ଓ ଜନଜାତି ଆଇନକୁ ସଶକ୍ତ କରିପାରିବା ଭଳି ଅନେକ ଜନକଲ୍ୟାଣକାରୀ କାର୍ଯ୍ୟ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି।

# ଅମିତ ଶାହା- ଆମ୍ବେଦକର

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କଂଗ୍ରେସକୁ ସମାଲୋଚନା କରି କହିଛନ୍ତି, ଗତକାଲି ରାଜ୍ୟସଭାରେ ସେ ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍.ଆମ୍ବେଦକରଙ୍କ ସମ୍ପର୍କରେ ଦେଇଥିବା ବିବୃତିକୁ ଏହି ଦଳ ବିକୃତ ଭାବେ ଉପସ୍ଥାପନ କରିଛି। ଆଜି ନୂଆଦିଲ୍ଲୀସ୍ଥିତ ବିଜେପି  ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା, କଂଗ୍ରେସର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏଥିସହିତ କଂଗ୍ରେସ ଅନେକ କ୍ଷେତ୍ରରେ ଡକ୍ଟର ବି.ଆର୍.ଆମ୍ବେଦକରଙ୍କୁ ବିରୋଧ କରିବା ସହିତ ଦେଶର ସମ୍ବିଧାନ ଓ ସଂରକ୍ଷଣ ବ୍ୟବସ୍ଥାର ମଧ୍ଯ ବିରୋଧୀ ବୋଲି ଶ୍ରୀ ଶାହା କହିଛନ୍ତି। ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯିବା ଦ୍ୱାରା ଏହି ଦଳ ସମସ୍ତଙ୍କର ସାମ୍ବିଧାନିକ ମୂଲ୍ୟବୋଧକୁ ଉଲ୍ଲଙ୍ଘନ କରିଛି।  ଦେଶର ସର୍ବୋଚ୍ଚ ଗଣତାନ୍ତ୍ରିକ ମଞ୍ଚ ସଂସଦରେ ଯେତେବେଳେ ସମ୍ବିଧାନ ପ୍ରସଙ୍ଗରେ ଆଲୋଚନା କରାଯାଉଛି, ତାହା ସତ୍ୟ ଏବଂ ପ୍ରମାଣଯୋଗ୍ୟ ତଥ୍ୟ ଉପରେ ଆଧାରିତ ହେବା ଉଚିତ ବୋଲି ଶ୍ରୀ ଶାହା କହିଛନ୍ତି।

# ପ୍ରଧାନମନ୍ତ୍ରୀ- କୁଏତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୧ ଓ ୨୨ ତାରିଖ କୁଏତ ଯାତ୍ରା କରିବେ। କୁଏତର ଅମୀର **ଶେଖ୍ ମେଶାଲ ଅଲ୍ ଅହମ୍ମଦ ଅଲ୍ ଜାବେର ଅଲ୍ ସାବାହା**ଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ସେଠାକୁ ଯାଉଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୪୩ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଏହି ଦେଶ ଗସ୍ତ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କୁଏତର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷୀୟ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦ୍ୱାରା ଭାରତ ଓ କୁଏତ ମଧ୍ୟରେ ବହୁପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଏହି ବିବୃତିରେ କୁହାଯାଇଛି। ଏତଦ୍‌ବ୍ୟତୀତ ସେଠାରେ ବସବାସ କରୁଥିବା ଭାରତୀୟଙ୍କ ସହିତ ମଧ୍ୟ ଶ୍ରୀ ମୋଦୀ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଆମ ସମ୍ବାଦଦାତା ଜଣାଇଛନ୍ତି, ଭାରତ ଓ କୁଏତ ମଧ୍ୟରେ ପାରମ୍ପରିକ ତଥା ଐତିହାସିକ ବନ୍ଧୁତ୍ୱ ରହିଆସିଛି। କୁଏତର ଶ୍ରେଷ୍ଠ ବ୍ୟବସାୟିକ ଭାଗିଦାରୀଙ୍କ ମଧ୍ୟରେ ଭାରତ ଅନ୍ୟତମ। ସେଠାରେ ବସବାସ କରୁଥିବା ବିଦେଶୀଙ୍କ ମଧ୍ୟରେ ସର୍ବାଧିକ ଭାରତୀୟ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଆର୍‌ଏସ୍- ପୋଲିସ ମଡର୍ଣ୍ଣାଇଜେସନ୍

ପୁଲିସ ଆଧୁନିକୀକରଣ ଯୋଜନା ଅଧୀନରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସହାୟତା ଲାଗି ୪ ହଜାର ୮୪୬ କୋଟି ଟଙ୍କା ମୂଲ୍ୟର ଏକ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି।  ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ବାହିନୀକୁ ଆଧୁନିକ ବୈଷୟିକ ଜ୍ଞାନକୌଶଳ, ଅସ୍ତ୍ରଶସ୍ତ୍ର, ଯୋଗାଯୋଗ ସାମଗ୍ରୀ ଯୋଗାଇ ଦେବା ସହିତ ପୁଲିସ ଥାନା ନିର୍ମାଣ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏତଦ୍‌ବ୍ୟତୀତ ଏହି ଯୋଜନା ଅଧୀନରେ ପୁଲିସ ବାହିନୀ ଲାଗି ଗୃହ ନିର୍ମାଣ ସମେତ ଅନ୍ୟାନ୍ୟ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ।

## ଏଲ୍‌ଏସ୍-ମାଇନରଟିଜ୍

ସାମ୍ପ୍ରଦାୟିକ ସଦ୍‌ଭାବକୁ ସଶକ୍ତ କରିବା ସହିତ ବୌଦ୍ଧ, ଜୈନ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ଅଳ୍ପ ସଂଖ୍ୟକ ଆୟୋଗଙ୍କ ପକ୍ଷରୁ 'ସର୍ବ ଧର୍ମ ସମ୍ବାଦ' ଆୟୋଜିତ କରାଯାଇଆସୁଛି। ଆଜି ଲୋକସଭାରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କରିଣ ରିଜିଜୁ ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୧ ମସିହା ଡିସେମ୍ବରରୁ ଏ

ପର୍ଯ୍ୟନ୍ତ ଆୟୋଗ ଏଭଳି ୩୮ଟି ବୈଠକ ଆୟୋଜନ କରିସାରିଛି। ସେଥିମଧ୍ୟରୁ ୫ଟି ବୈଠକରେ ସ୍ୱତନ୍ତ୍ର ଭାବେ ଜୈନ ଓ ବୌଦ୍ଧ ସମ୍ପ୍ରଦାୟର ଉପରେ ବିଶେଷ ଆଲୋଚନା କରାଯାଇଛି। ବିଶେଷ କରି, ବୋଧଗୟା ମନ୍ଦିର ପରିଚାଳନା, ପାଲି ଭାଷାକୁ ପ୍ରୋତ୍ସାହନ ଦେବା, ଦୁର୍ଗମ ଅଞ୍ଚଳରେ ରହୁଥିବା ବୌଦ୍ଧ ସମ୍ପ୍ରଦାୟଙ୍କ ଲାଗି ବିଦ୍ୟାଳୟ ଓ ଗୋଷ୍ଠୀ କେନ୍ଦ୍ରମାନ ସ୍ଥାପନ କରିବା ସମେତ ଜୈନ ସମ୍ପ୍ରଦାୟର ସାଧୁସନ୍ଥ ତଥା ଐତିହ୍ୟର ସୁରକ୍ଷା ଉପରେ ଆଲୋଚନା କରାଯାଇଛି।

## ଏଲ୍‌ଏସ୍-କୁସୁମ

ପ୍ରଧାନମନ୍ତ୍ରୀ କିଶାନ ଉର୍ଜା ସୁରକ୍ଷା ଏବଂ ଉତ୍ଥାନ ମହା ଅଭିଯାନ ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟକୁ ୪ ହଜାର ୩୮୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହି ସୂଚନା ଦେଇଛନ୍ତି। ଶ୍ରୀ ଯୋଶୀ କହିଛନ୍ତି, କୃଷି କ୍ଷେତ୍ରକୁ ସୌର ଶକ୍ତି ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୧୯ ମସିହାରେ ଏହି ପିଏମ୍-କୁସୁମ ଯୋଜନା ଆରମ୍ଭ ହୋଇଥିଲା।

ସେହିଭଳି ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶ୍ରୀ ଯୋଶୀ କହିଛନ୍ତି, ୨୦୨୨-୨୩ କୃଷି ଋତୁରେ ଏ ପର୍ଯ୍ୟନ୍ତ ୯୯ ଦଶମିକ ୯ ପ୍ରତିଶତ ଚାଷୀଙ୍କର ଆଖୁଜନିତ ପ୍ରାପ୍ୟ ପ୍ରଦାନ କରାଯାଇସାରିଛି। ଏହି

ଋତୁରେ ମୋଟ୍ ୧ ଦଶମିକ ୧/୦ ଲକ୍ଷ କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ୨୦୨୪-୨୫ ଋତୁରେ ମୋଟ୍ ୧୧ ହଜାର ୧୪୧ କୋଟି ଟଙ୍କାରୁ ୮ ହଜାର ୧୨୬ କୋଟି ଟଙ୍କା ଏ ପର୍ଯ୍ୟନ୍ତ ଆଖୁଚାଷୀଙ୍କୁ ପ୍ରଦାନ କରାଯାଇଛି ବୋଲି ଶ୍ରୀ ଯୋଶୀ କହିଛନ୍ତି।

## ଅଜିତ ଡୋଭାଲ-ଚୀନ୍

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଆଜି ବେଜିଂଠାରେ ଚୀନ୍ ବୈଦେଶିକ ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି'ଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷ ଭାବେ ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହିତ ପୂର୍ବାଞ୍ଚଳ ଲଦାଖଠାରେ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗତ ୪ ବର୍ଷ ଧରି ଶିଥିଳ ପଡ଼ିଥିବା ଦ୍ୱିପକ୍ଷୀୟ ସମ୍ପର୍କକୁ ପୁନଃକ୍ଷମ କରିବା ଉପରେ ଦୁଇନେତା ମତ ବିନିମୟ କରିଛନ୍ତି। ୨୩ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନାରେ ଭାଗ ନେବା ଲାଗି ଭାରତୀୟ ଦଳର ନେତୃତ୍ୱ ନେଇ ଶ୍ରୀ ଡୋଭାଲ ଗତକାଲି ବେଜିଂଠାରେ ପହଁଞ୍ଚିଛନ୍ତି। ଏହି ପ୍ରତିନିଧିସ୍ତରୀୟ ଆଲୋଚନାର ଶେଷ ବୈଠକ ୨୦୧୯ ମସିହାରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଚଳିତ ଆଲୋଚନାରେ ଗତ ଅକ୍ଟୋବର ୨୧ ତାରିଖ ଦିନ ପୂର୍ବାଞ୍ଚଳ ଲଦାଖଠାରେ ସୈନ୍ୟ ଅପାସରଣ ଏବଂ ପାଟ୍ରୋଲିଂ ସମ୍ପର୍କିତ ଦୁଇ ଦେଶ ମଧ୍ୟରେ ହୋଇଥିବା ରାଜିନାମା ଆଧାରରେ ଦ୍ୱିପକ୍ଷୀୟ ସମ୍ପର୍କକୁ ପୁନରୁଦ୍ଧାର କରିବା ଉପରେ ବିଶେଷ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀ ଓ ରାଷ୍ଟ୍ରପତି ସି' ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ରୁଷ୍‌ର କାଜାନ୍‌ଠାରେ ଗତ ଅକ୍ଟୋବର ୨୪ ତାରିଖ ଦିନ ବ୍ରିକ୍ସ ସମ୍ମିଳନୀ ଅବସରରେ ହୋଇଥିବା ଆଲୋଚନାରେ ଆପୋଷ ବୁଝାମଣା ଭିତ୍ତିକ ପ୍ରତିଶ୍ରୁତି ଚୀନ୍ ରକ୍ଷା କରିବ ବୋଲି ଗତକାଲି ଏକ ବିବୃତିରେ କହିଛି।

## ଜୟଶଙ୍କର-ଇସ୍ରାଏଲ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ତାଙ୍କର ଇସ୍ରାଏଲ ପ୍ରତିପକ୍ଷ ଗିଡିୟନ ସାର୍‌ଙ୍କ ସହିତ ଟେଲିଫୋନ ଯୋଗେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, ଏହି ଆଲୋଚନା ସମୟରେ ସମ୍ପୃକ୍ତ ଅଞ୍ଚଳର ସ୍ଥିତି ସମ୍ପର୍କରେ ଶ୍ରୀ ସାର୍ ତାଙ୍କୁ ଅବଗତ କରାଇଛନ୍ତି। ଏତଦ୍‌ବ୍ୟତୀତ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଦ୍ୱିପକ୍ଷୀୟ ସମ୍ପର୍କକୁ କିଭଳି ଅଧିକ ସଶକ୍ତ କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ଉଭୟ ନେତା ଆଲୋଚନା କରିଛନ୍ତି ବୋଲି ଡକ୍ଟର ଜୟଶଙ୍କର ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ବାଂଲାଦେଶ- କିଲ୍ଡ

ବାଂଲାଦେଶର ଟୋଙ୍ଗି ଗାଜିପୁରସ୍ଥିତ ବିଶ୍ୱ ଇଜତେମା ପଡ଼ିଆରେ ଆଜି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଫଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଗାଜିପୁରର

ଉପାୟୁକ୍ତ କହିଛନ୍ତି,  ଆଜି ପ୍ରତ୍ୟୁଷରେ ବିଶ୍ୱ ଇତ୍‌ଜେମା ପଡ଼ିଆକୁ ନିଜ ଦଖଲକୁ ନେବା ଉଦ୍ଦେଷ୍ୟରେ ତାବଲିଘି ଜମାତର ମୌଲାନା ଜୁବେର ଅହମ୍ମଦ ଏବଂ ଭାରତୀୟ ମୌଲାନା ସାଦ କାନ୍ଧାଲଭିଙ୍କ ସମର୍ଥଙ୍କ ମଧ୍ୟରେ ଏହି ସଂଘର୍ଷ ହୋଇଛି। ଆହତମାନଙ୍କୁ ଢାକା ଏବଂ ସ୍ଥାନୀୟ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ପରିସ୍ଥିତି ପ୍ରତି ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ସମ୍ପୃକ୍ତ ପଡ଼ିଆରେ କୌଣସି ଅପ୍ରୀତିକର ପରିସ୍ଥିତି ଯେଭଳି ଆଉ ନ ଉପୁଜେ ସେଥିଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ଉପାୟୁକ୍ତ କହିଛନ୍ତି।